# ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା ଏବଂ ଓଡିଶା ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦକୁ କାର୍ଯ୍ୟକାରୀ କରିବା ଦାବିରେ ଓଡିଶା ଶିଳ୍ପୀ ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଦାବୀପତ୍ର ପ୍ରଦାନ



ଭୁବନେଶ୍ୱର,(ପି.ଏନ): ପୂର୍ବ ସରକାର ରାଜ୍ୟର ହସ୍ତଶିଳ୍ପୀ ଓ ବୁଣାକାରଙ୍କ ସାମାଜିକ ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା ଲାଗୁ କରିଥିଲେ । ଏହି ଯୋଜନା ଅଧୀନରେ ରାଜ୍ୟର ମାତ୍ର ୧୫୦୦ରୁ ପାଖାପାଖି ବରିଷ୍ଠ ବୁଣାକାର ମାସିକ ଦୁଇ ହଜାର ଟଙ୍କା ପାଉଛନ୍ତି । ହେଲେ ପରିତାପର ବିଷୟ ଏଯାବତ ଜଣେ ହେଲେବି ହସ୍ତଶିଳ୍ପୀ ଏହି ଯୋଜନାରୁ ଉପକୃତ ହୋଇନାହାନ୍ତି । ଯୋଜନାରେ କିନ୍ତୁ କଳାକାରଙ୍କ ଭଳି ୪୦ ବର୍ଷର ମହିଳା ଓ ୫୦ ବର୍ଷର ପୁରୁଷ ବୁଣାକାର ଏବଂ ହସ୍ତଶିଳ୍ପୀ ଏହି ଯୋଜନାର ଲାଭାର୍ଥୀ ହୋଇପାରିବେ ବୋଲି ସରକାରୀ ନିୟମ ରହିଛି । ଠିକ ସେହିଭଳି ଓଡିଶା ଶିଳ୍ପୀ ମହାସଂଘର ପ୍ରଗାଢ ଉଦ୍ୟମ ବଳରେ ଗଠିତ ହୋଇଥିବା ରାଜ୍ୟ ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦର ପରିଚାଳନା ବୋର୍ଡ ରାଜ୍ୟ ସରକାର ଗଠନ କରୁନାହାନ୍ତି । ଖଣ୍ଡଗିରି ନିକଟରେ ପରିଷଦର କାର୍ଯ୍ୟାଳୟ ରହିଥିବାବେଳେ ବୋର୍ଡ ଗଠନ ହୋଇନଥିବାରୁ ପରିଷଦ ବର୍ଷ ? ହେବ ନିଷ୍କ୍ରିୟ ହୋଇ ପଡିରହିଛି । ଇତି ମଧ୍ୟରେ ନୂତନ ସରକାରକୁ ବର୍ଷ ? ପୁରି ସାରିଥିବାବେଳେ ରାଜ୍ୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ନିଦାବିଷ୍ଟୁ ସାଜିଛି । ଓଡିଶା ଶିଳ୍ପୀ ମହାସଂଘର ବାରଂବାର ଦାବୀ ସତ୍ୱେ ରାଜ୍ୟ ସରକାର ଆଁଠି କର୍ଣ୍ଣପାତ କରୁ ନାହାନ୍ତି । ରାଜ୍ୟର ହସ୍ତଶିଳ୍ପୀ ଓ ବୁଣାକାରଙ୍କ ପ୍ରତି ଅବିଚାର ପ୍ରତିବାଦରେ କାରିଗର ବହୁଳ ସମସ୍ତ ଜିଲ୍ଲାରେ ଆନ୍ଦୋଳନ ଗଢି ତୋଳିବାକୁ ଓଡିଶା ଶିଳ୍ପୀ ମହାସଂଘ ନିଷ୍ପତି ନେଇଛି । ଏହି କ୍ରମରେ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା , ଓଡିଶା ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦକୁ କାର୍ଯ୍ୟକାରୀ କରିବା ଏବଂ ହସ୍ତଶିଳ୍ପ ଓ ହସ୍ତତନ୍ତ କ୍ଷେତ୍ରର ବଜେଟକୁ ୫ହଜାର କୋଟି କାରିବା ଦାବୀରେ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଆଜି ଝାରସୁଗୁଡା ଜିଲ୍ଲାର ଜିଲ୍ଲାପାଳଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଛି ।

ମହାସଂଘର ସ୍ମାରକ ପତ୍ରରେ ତିନି ଗୋଟି ଦାବୀ ରହିଛି । ଗୋଟିଏ ହେଲା ପୂର୍ବ ସରକାର ସମୟରୁ ଲାଗୁ କରା ଯାଇଥିବା ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ମାସିକ ଆର୍ଥିକ ସହାୟତା ଯୋଜନାର ନିୟମାନୁଯାୟୀ ଯୋଗ୍ୟ ହସ୍ତଶିଳ୍ପୀ ଓ ବୁଣାକାରଙ୍କୁ ଯଥାଶୀଘ୍ର ପ୍ରଦାନ କରିବା । ମାସିକ ସହାୟତା ରାଶିକୁ ଦୁଇ ହଜାରରୁ ବୃଦ୍ଧି କରି ପାଂଚ୍ ହଜାର କରିବା । ତତସହିତ କାରିଗରୀ ବା ବୁଣା କାମରେ ନିୟୋଜିତ ପରିବାରର ସମସ୍ତ ସଦସ୍ୟଙ୍କୁ ଏହି ଯୋଜନାରେ ସାମିଲ କରାଯାଉ । ସୂଚ଼ନା ଥାଉକି, ଏହି ଯୋଜନାରେ କଳାକାରଙ୍କ ଭଳି ୪୦ ବର୍ଷରୁ ଉର୍ଦ୍ଧ ମହିଳା ଓ ୫୦ ବର୍ଷରୁ ଉର୍ଦ୍ଧ ପୁରୁଷ ବୁଣାକାର ଏବଂ କାରିଗରଙ୍କୁ ମାସିକ ମାତ୍ର ୨ ହଜାର ଟଙ୍କା ମିଳିବାର ବ୍ୟବସ୍ଥା ରହିଛି । ସେହିଭଳି ୨୦୧୮ ମସିହା ମାର୍ଚ୍ଚ ୨୨ ତାରିଖରେ ଉଦଘାଟିତ ହୋଇଥିଲା ଓଡିଶା ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦ । ଯାହାର କାର୍ଯ୍ୟାଳୟ ଭୁବନେଶ୍ୱର ସ୍ଥିତ ଖଣ୍ଡଗିରି ନିକଟରେ ରହିଛି । ରାଜ୍ୟ ସରକାର ଓ କାରିଗର ଏବଂ ବୁଣାକାରଙ୍କ ମଧ୍ୟରେ ସଂପର୍କର ସେତୁ ଭାବେ କାର୍ଯ୍ୟ କରି ଆସୁଥିବା ଏହି ପରିଷଦର ପରିଚ଼ାଳନା ବୋର୍ଡ ଗଠନ କରାଯାଉନଥିବାରୁ ସଂପୂର୍ଣ୍ଣ ନିଷ୍କ୍ରିୟ ହୋଇ ପଡିଛି । ପରିଷଦର କାର୍ଯ୍ୟକାରୀ ବୋର୍ଡକୁ ପୁର୍ନଗଠନ ପୂର୍ବକ ଯଥାଶୀଘ୍ର କାର୍ଯ୍ୟକ୍ଷମ କରାଯାଉ । ସୁଚ଼ନା ଥାଉକି, ଏହି ପରିଷଦର ପରିଚ଼ାଳନା ବୋର୍ଡର ସଦସ୍ୟ ଭାବେ ରାଜ୍ୟର ବିଶିଷ୍ଟ ବୁଣାକାର ଓ କାରିଗର ରହିବେ ବୋଲି ବ୍ୟବସ୍ଥା ରହିଛି । ପୂର୍ବ ପାଳିରେ ନିପୁଣ ଶିଳ୍ପୀ /ବୁଣାକାରଙ୍କ ଦରମା ବୃଦ୍ଧି, ପ୍ରଶିକ୍ଷାର୍ଥୀଙ୍କ ଭତା ବୃଦ୍ଧି, ଦେଢଶହରୁ ଉର୍ଦ୍ଧ ହସ୍ତଶିଳ୍ପ ଗ୍ରାମ ବା ପୁଂଜର ଚ଼ିହ୍ନଟ ପାଇଁ ସାଇନ ବୋର୍ଡ ବ୍ୟବସ୍ଥା, ଶିଳ୍ପୀ ଓ ବୁଣାକାରଙ୍କ ପାଇଁ କର୍ମଶାଳା, ଉତ୍କଳିକା ମାଧ୍ୟମରେ ସାହାଣ ପଥର ଯୋଗାଣ ଓ ଖଣ୍ଡଗିରି ନିକଟରେ ପରିଷଦର କାର୍ଯ୍ୟାଳୟ ପ୍ରତିଷ୍ଠା ଆଦି ଅନେକ ନିଷ୍ପତି ନିଆଯାଇ ପାରିଥିଲା । ଦିନକୁ ଦିନ ରାଜ୍ୟ ହସ୍ତଶିଳ୍ପୀ ଓ ବୁଣାକାରଙ୍କ ସମସ୍ୟା ବଢି ଚ଼ାଲିଥିବାରୁ , ଏହି ବିକାଶ ପରିଷଦ ସକ୍ରିୟ ହେବା ଅତ୍ୟନ୍ତ ଜରୁରୀ ଅଟେ । ଉତ୍କର୍ଷ କଳାର ରାଜ୍ୟ ଆମ ଓଡିଶା । କୃଷି ପରେ ଏକ ପ୍ରମୁଖ ସ୍ୱାବଲମ୍ବୀ କ୍ଷେତ୍ର ଭାବେ ଦଶ ଲକ୍ଷରୁ ଉର୍ଦ୍ଧ ଲୋକ ଏହି ହସ୍ତଶିଳ୍ପ ଓ ହସ୍ତତନ୍ତ କ୍ଷେତ୍ରରେ ନିୟୋଜିତ ଅଛନ୍ତି । ଓଡିଶା ଅସ୍ମିତାର ପରିଚ଼ୟ ଆମ ଶିଳ୍ପୀ ଓ ବୁଣାକାର ଜାତି ଆମ ପାରଂପାରିକ କଳାକାରିଗରୀକୁ ବଂଚ଼ାଇ ଆସିବା ସହ ଆମ ରାଜ୍ୟକୁ ବିଶ୍ୱ ଦରବାରରେ ଏକ ସ୍ୱତନ୍ତ୍ର ପରିଚ଼ୟ ପ୍ରଦାନ କରିଛନ୍ତି । ରାଜ୍ୟ ସରକାର କାରିଗର ଓ ବୁଣାକାରଙ୍କ ପାଇଁ ଅନେକ ଯୋଜନା କରିଛନ୍ତି ସତ, ହେଲେ ଆନ୍ତରିକତା ଅଭାବରୁ ଏହି ଯୋଜନାର ସୁଫଳ ଲୋକଙ୍କ ପାଖରେ ପହଁଚ଼ି ପାରୁନି । ପୂର୍ବ ସରକାର କରିଥିବା ଅନେକ ଯୋଜନା ଏବେର ସରକାର ଜାରି ରଖିଥିବାବେଳେ ହସ୍ତଶିଳ୍ପୀ ଓ ବୁଣାକାରଙ୍କ ପ୍ରତି ବୈମାତୃକ ଭାବକୁ ଓଡିଶା ଶିଳ୍ପୀ ମହାସଂଘ ଦୃଢ ନିନ୍ଦା କରିଛି । ଏହା ରାଜ୍ୟର ଲକ୍ଷ ଲକ୍ଷ କାରିଗର ଓ ବୁଣାକାରଙ୍କ ମନରେ ତୀବ୍ର ଅସନ୍ତୋଷ ଭରି ଦେଇଛି । ଆଜିର ଦାବୀପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ଝାରସୁଗୁଡା ଜିଲ୍ଲାର ଶହଶହ କାରିଗର ଓ ବୁଣାକାର ସାମିଲ ହୋଇଥିବାବେଳେ ମହାସଂଘର ରାଜ୍ୟ ସଂପାଦକ ପ୍ରିୟରଂଜନ କର, ଝାରସୁଗୁଡା ଜିଲ୍ଲା ସଭାପତି କଳ୍ପନା ରଣା, ରୋହିତ କୁମାର ରଣା, ବିକାଶ କୁମାର ରଣା,ପରିକ୍ଷିତ ପଟେଲ,ଜୋସ୍ନା ଭୋଇ, ତନୁଜା ମିଶ୍ର, ଟଙ୍କଧର ରଣା,ଦିଲେଶ୍ୱର ମେହେର ପ୍ରମୁଖ ନେତୃତ୍ୱ ନେଇଥିଲେ ।

# ହିନ୍ଦୁ ଏକତା ମଞ୍ଚ ଭାରତ କଟକ ଜିଲ୍ଲା ସଂଗଠନ ଆନୁକୂଲ୍ୟରେ ଶ୍ରୀଶ୍ରୀ ଠାକୁର ଅଭିରାମ ପରମହଂସଙ୍କ ଆଶ୍ରମ ପରିସରରେ ସଂଗଠନର ଆଭିମୁଖ୍ୟ ସମ୍ପର୍କରେ ଏକ ସଭା ଅନୁଷ୍ଠିତ



ଭୁବନେଶ୍ୱର,(ପି.ଏନ): ଗତ ତା ୧୦.୦୮.୨୫ ରିଖ ରବିବାର ସକାଳ ୭ ଘଟିକା ରୁ ୯ ଘଟିକା ପର୍ଯ୍ୟନ୍ତ ହିନ୍ଦୁ ଏକତା ମଞ୍ଚ ଭାରତ କଟକ ଜିଲ୍ଲା ସଂଗଠନ ଆନୁକୂଲ୍ୟରେ ବାଲିସାହି, କଟକ ସ୍ଥିତ ଶ୍ରୀଶ୍ରୀ ଠାକୁର ଅଭିରାମ ପରମହଂସ ଙ୍କ ଆଶ୍ରମ ପରିସରରେ ସଂଗଠନ ର ରାଜ୍ୟ ସଭାପତି ଶ୍ରୀ ପ୍ରଦୀପ୍ତ କୁମାର ଜେନା ଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲାସଭା ଆରମ୍ଭରେ ରବି ନାରାୟଣ ଦାଶଙ୍କ ମାର୍ଗ ଦର୍ଶନରେ ପଞ୍ଚ ମିନିଟି ଧ୍ୟାନ କରାଯାଇଥିଲା ଏହି କାର୍ଯ୍ୟ କ୍ରମ ରେ ପୁରୁଣା ସଦସ୍ୟ ମାନଙ୍କ ସହିତ ଅନେକ ନୂତନ ସଦସ୍ୟ ଯୋଗ ଦେଇ ଥିଲେ ସେମାନେ ହେଲେ ଗଣେଶ୍ୱର ସ୍ୱାଇଁ, ରବୀନ୍ଦ୍ର ନାଥ ମହାପାତ୍ର ସୃଷ୍ଟିଧର ନାୟକ ଆଡ଼ଭୋକେଟ ଗୟାଧର ସାମଲ .ଆଡ଼ଭୋକେଟ ପ୍ରତାପ କୁମାର ନାୟକ ଚ଼ନ୍ଦ୍ର ଶେଖର ପଣ୍ଡା,ମଞ୍ଜୁଳା ପ୍ରଭା ମହାନ୍ତି ବାସୁଦେବ ଦାସ ଶ୍ୟାମସୁନ୍ଦର ଚୌଧୁରୀ ଏବଂ ଶଶିକାନ୍ତ ତିୱାରୀ ନକୁଳ ଲେଙ୍କା ଏତଦବ୍ୟତୀତ ସଂଗଠନ ର ମୁଖ୍ୟ ଉପଦେଷ୍ଟା ଡକ୍ଟର ପଦ୍ମ ଲୋଚ଼ନ ନାୟକ ସଂଯୋଜିକା ରୋଜାଲିନ ବସ୍ତିଆ କାର୍ଯ୍ୟକାରୀ ସଭାପତି ତେଜପାଲ ଧେନୁକା ଉପସଭାପତି ପ୍ରଦୀପ୍ତ ଆଚ଼ାର୍ଯ୍ୟ କୋଷାଧ୍ୟକ ସନ୍ତୋଷ ସାହୁ ବରିଷ୍ଠ ସଦସ୍ୟ କାମଦେବ ପାତ୍ର ଧୀରେନ୍ଦ୍ର ନାୟକ ହୃଦାନନ୍ଦ ପଟନାୟକ, ଟୁଟୁ ନନ୍ଦ ମୃତ୍ୟୁଞ୍ଜୟ ପାତ୍ର, ବାବୁ ଖଟୁଆ ନିତିନ ନାୟକ ଡାକ୍ତର ପ୍ରଭାତ କୁମାର ସାହୁ ଶରତ ଚ଼ନ୍ଦ୍ର ସ୍ୱାଇଁ ରାଜେନ୍ଦ୍ର ମହାପାତ୍ର, ଜୟନ୍ତ ଦାସ ଅଶୋକ ନାୟକ ପ୍ରଫେସର ଅର୍ଜୁନି ମଲ୍ଲିକ, ସୁରେନ୍ଦ୍ର ପାଣ୍ଡବବାମନ ବାବା, ନବ କିଶୋର ସାମଲ କୈଳାଶ ଚ଼ନ୍ଦ୍ର ବସ୍ତିଆ ପ୍ରାଣକୃଷ୍ଣ ଜେନା ପ୍ରଭୃତି ଯୋଗ ଦେଇ ସଂଗଠନ ର ଲକ୍ଷ ଆଭିମୁଖ୍ୟ ସମ୍ପର୍କରେ ନିଜର ମତ ରଖିଥିଲେ ସଭାପତି ପ୍ରଦୀପ୍ତ କୁମାର ଜେନା ନିଜ ବକ୍ତବ୍ୟରେ ସଂଗଠନ ର ଲକ୍ଷ ଅଭୁମୁଖ୍ୟ କହିବା ସହିତ ଆଜି ପର୍ଯ୍ୟନ୍ତ ସଂଗଠନ କି କି କାର୍ଯ୍ୟ କରିଛି ସେ ସମ୍ପର୍କରେ କଥା ରଖିବା ସହିତ ଯୁବ ସମାଜ ଏହି ସଂଗଠନ ରେ ଯୋଡି ହେବାକୁ ଆହ୍ୱାନ କରିଥିଲେ. କଟକ ଜିଲ୍ଲା ପାଇଁ ଏକ ପୂର୍ଣ୍ଣାଙ୍ଗ କମିଟିର ଆବଶ୍ୟକତା କୁ ଆଖି ଆଗରେ ରଖି ବରିଷ୍ଠ ସଦସ୍ୟ କାମଦେବ ପାତ୍ର ଙ୍କୁ ସଂଗଠନ ସମ୍ପାଦକ ରବୀନ୍ଦ୍ର ମହାପାତ୍ର ଙ୍କୁ ଉପଦେଷ୍ଟା ଭାବରେ କାର୍ଯ୍ୟ କରିବାକୁ ଅନୁରୋଧ କରାଯାଇଥିଲା ଓ ସେମାନେ ଏହି କାର୍ଯ୍ୟ କୁ ସଫଳ ସହିତ ରୂପାୟନ କରିବାକୁ ପ୍ରତିଶୃତି ଦେଇଥିଲେ. ଅନ୍ୟ ସମସ୍ତ ପଦବୀ ଗୁଡିକୁ ବିଚ଼ାର ବିମର୍ଶ କରି ପୁରାଣ କରିବାକୁ ସଭାପତି ପ୍ରକାଶ କରିଥିଲେ ସଭା ଶେଷରେ ସଂଗଠନ ସମ୍ପାଦକ ଧନ୍ୟବାଦ ଦେବା ପରେ ସଭା ସାଙ୍ଗ ହୋଇଥିଲା ଏହାପରେ ରାଜ୍ୟ ଯୁଗ୍ମ ସମ୍ପାଦକ ଡାକ୍ତର ପ୍ରଭାତ ସାହୁ ଙ୍କ ନେତୃତ୍ୱ ରେ ଆଶ୍ରମ ପରିସରରେ ସଫେଇ ଓ ବୃକ୍ଷ ରୋପଣ କାର୍ଯ୍ୟ କ୍ରମ କରାଯାଇଥିଲା ବରିଷ୍ଠ ସଦସ୍ୟ ଜୟନ୍ତ ଦାସ ସମସ୍ତ ଙ୍କ ପାଇଁ ଚ଼ା, ପାଣି ଓ ଜଳଖିଆ ପରିବେଷଣ କରିଥିବାରୁ ସଂଗଠନ ତରଫରୁ ତାଙ୍କୁ ଧନ୍ୟବାଦ ଦିଆଯିବା ସହିତ ଆଶ୍ରମ ର ସଭାପତି ସମ୍ପାଦକ ଓ ସମସ୍ତ କାର୍ଯ୍ୟ କର୍ତ୍ତା ଏହି କାର୍ଯ୍ୟ ରେ ପୂର୍ଣ୍ଣ ସହଯୋଗ କରିଥିବାରୁ ସଂଗଠନ ତରଫରୁ ସେମାନଂକୁ ସାଧୁବାଦ ଦିଆଯାଇଥିଲା

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities
TUITION CLASSES
for Std I to Std V
Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884, 2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

# ଯାଜପୁର ଆଇନ ଅଧିକାରୀ ନିଯୁକ୍ତିରେ ଘୋଟାଲାର ଗନ୍ଧ



ଯାଜପୁର/ଭୁବନେଶ୍ୱର,(ପି.ଏନ): ଓଡିଶାରେ ନୂତନ ବିଜେପି ସରକାର ଗଠନ ହେବା ପରେ, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଓଡ଼ିଶା ଆଇନ ଅଧିକାରୀ ନିୟମର ବ୍ୟବସ୍ଥା ଅନୁଯାୟୀ ଅଣ-କ୍ୟାଡର ଆଇନ ଅଧିକାରୀ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଛି। ତଥାପି, ଯାଜପୁର ଜିଲ୍ଲାରେ ଅନିୟମିତତାର ଗୁରୁତର ଅଭିଯୋଗ ସାମ୍ନାକୁ ଆସୁଛି।ନିୟମ ଅନୁଯାୟୀ, ଜିଲ୍ଲା କଲେକ୍ଟର, ଜିଲ୍ଲା ଏବଂ ସେସନ୍ସ ଜଜ୍‌ଙ୍କ ସହିତ ପରାମର୍ଶ କରିବା ପରେ, ଚୂଡ଼ାନ୍ତ ଚ଼ୟନ ପାଇଁ ରାଜ୍ୟ ସରକାରଙ୍କୁ ୧:୫ ଅନୁପାତରେ ଓକିଲମାନଙ୍କର ଏକ ପ୍ୟାନେଲ ପଠାଇବା ଉଚ଼ିତ। ତା'ପରେ ସରକାର ଯୋଗ୍ୟତା ଏବଂ ଉପଯୁକ୍ତତା ଉପରେ ଆଧାର କରି ନିଯୁକ୍ତି ଦେବେ ବୋଲି ଆଶା କରାଯାଉଛି। ତଥାପି, ସୂତ୍ରଗୁଡ଼ିକ ଅଭିଯୋଗ କରିଛନ୍ତି ଯେ ଗୃହ ବିଭାଗ ଏହି ପ୍ରକ୍ରିୟାକୁ ଏଡାଇ ଦେଇ ଚ଼ରିତ୍ର ଯାଞ୍ଚ ପାଇଁ ସିଧାସଳଖ ପୋଲିସର ସ୍ୱତନ୍ତ୍ର ଶାଖାକୁ ଓକିଲଙ୍କ ତାଲିକା ପଠାଇଛି। ଏହି ତାଲିକାରେ ଥିବା ଅଧିକାଂଶ ନାମ ବିଜେଡି ଏବଂ କଂଗ୍ରେସ ଦଳ ସହିତ ଜଡିତ ଓକିଲମାନଙ୍କର ବୋଲି ଜଣାପଡିଛି। କୁହାଯାଉଛି ଯେ କଂଗ୍ରେସ ସହ ଜଡିତ ଓକିଲମାନଙ୍କୁ ପୂର୍ବରୁ ଗୁରୁତ୍ୱପୂର୍ଣ୍ଣ ପଦବୀ ବଣ୍ଟନ କରାଯାଇଛି, ଯେତେବେଳେ କି ଅବଶିଷ୍ଟ ପଦବୀଗୁଡ଼ିକ ସ୍ଥାନୀୟ ରାଜନୈତିକ ବ୍ୟକ୍ତିତ୍ୱ ପୂର୍ବତନ ବିଜେଡି ସାଧାରଣ ସମ୍ପାଦକ (ସଂଗଠନ) ବବି ଦାସଙ୍କ ବିଜେଡି ସମର୍ଥକ ଏବଂ ସହଯୋଗୀମାନଙ୍କୁ ଦିଆଯାଉଛି। ଅସମର୍ଥିତ ରିପୋର୍ଟରେ ଦାବି କରାଯାଇଛି ଯେ ଜିଲ୍ଲାର ଜଣେ ବରିଷ୍ଠ ବିଜେପି ନେତା ଏହି ଗୁରୁତ୍ୱପୂର୍ଣ୍ଣ ପଦବୀ ପାଇଁ କଂଗ୍ରେସ ଏବଂ ବିଜେଡି ପ୍ରାର୍ଥୀଙ୍କ ନାମ ସୁପାରିଶ କରିବା ବଦଳରେ ସେମାନଙ୍କଠାରୁ ମୋଟା ଅଙ୍କର ଲାଞ୍ଚ ଆଦାୟ କରିଥିଲେ। ଏହା ବିଜେପିର ନିଜସ୍ୱ ଓକିଲମାନଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ସୃଷ୍ଟି କରିଛି, ଯେଉଁମାନେ ନିଜକୁ ଦୂରେଇ ଯାଇଛନ୍ତି। ଦଳର ଆଭ୍ୟନ୍ତରୀଣ ବ୍ୟକ୍ତିମାନେ ଚେତାବନୀ ଦେଇଛନ୍ତି ଯେ ଯଦି ଏପରି ଅଭ୍ୟାସକୁ ନିୟନ୍ତ୍ରଣ କରାନଯାଏ, ତେବେ ଭବିଷ୍ୟତରେ ଏହା ଆଭ୍ୟନ୍ତରୀଣ ବିଦ୍‌ରୋହ ସୃଷ୍ଟି କରିପାରେ। ଯାଜପୁରର କିଛି ବିଜେପି ବିଧାୟକ ମଧ୍ୟ ଚ଼ୟନ ପ୍ରକ୍ରିୟାରେ ଅଣଦେଖା କରାଯାଇଥିବାରୁ ଅସନ୍ତୁଷ୍ଟ ଅଛନ୍ତି।

# ନିର୍ବାଚ଼ନରେ ହୋଇଛି ଜାଲିଆତି, ଅଭିଯୋଗ ଆଣିଲା କଂଗ୍ରେସ !




ରାୟଗଡ଼,(ପି.ଏନ): ରାୟଗଡ଼ ସଦର ମହକୁମା କଂଗ୍ରେସ୍ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଲକ୍ଷ୍ମୀପୁର ନିର୍ବାଚ଼ନ ମଣ୍ଡଳୀର ବିଧାୟକ ପବିତ୍ର ସାଉନ୍ତା ଏବଂ ରାୟଗଡ଼ ନିର୍ବାଚ଼ନ ମଣ୍ଡଳୀ ବିଧାୟକ ଆପାଲ୍ଲା ସ୍ୱାମୀ କାଡ୍ରାକା ଯୋଗ ଦେଇଥିଲେ। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ରାୟଗଡ଼ ଆପଲା ସ୍ୱାମୀ କାଡ୍ରାକା ଏବଂ ଲକ୍ଷ୍ମୀପୁର ବିଧାୟକ ପବିତ୍ର ଶାଉନ୍ତା ଇଲେକ୍ସନ୍ କମିଶନ ର ପକ୍ଷପାତିତା ଏବଂ ଭୋଟ ଚୋରି ହୋଇଛି ବୋଲି କହିଛନ୍ତି। ୨୦୧୪ରେ କେନ୍ଦ୍ରରେ ବିଜେପି ଶାସନ କୁ ଫେରିବା ପରଠାରୁ ବିଭିନ୍ନ ନିର୍ବାଚ଼ନ ଫଳାଫଳ ଅତ୍ୟନ୍ତ ଅପ୍ରତ୍ୟାଶିତ ହେଉଥିବାରୁ ସମଗ୍ର ନିର୍ବାଚ଼ନ ପ୍ରକ୍ରିୟାରେ ହେରଫେର ହୋଇଥିବା ଆଶଙ୍କା କରିଛି କଂଗ୍ରେସ୍। ମହାରାଷ୍ଟ୍ର ପରି ଗୋଟିଏ ରଜ୍ୟରେ ଆଡ଼ିସନ୍ ଯୋଗେ ବିଜେପିକୁ ଜିତାଇ ଦିଆଗଲା ଓ ଆଉ ଏକ ଜାଗାରେ ଡିଲିସନ୍ ଯୋଗେ କଂଗ୍ରେସକୁ ହରାଇବାର ଚ଼କ୍ରାନ୍ତ ହେଲା। ନିର୍ବାଚ଼ନୀ ରାଲିରେ କଂଗ୍ରେସ୍ ପ୍ରତି ଲୋକଙ୍କ ଆଗ୍ରହ, ବୁଥ ବାହୁଡ଼ା ମତ, କଂଗ୍ରେସର ଆଭ୍ୟନ୍ତରୀଣ ସର୍ବେ ? ବିଷୟ ଗୁଡ଼ିକ ବିଚ଼ାରକୁ ନେଇ ଜିତିବା ଆଶା କରଯାଇଥିଲା। କଂଗ୍ରେସ୍ ପକ୍ଷରୁ ଅଭିଯୋଗ ହୋଇଛି ଯେ ଘର ଲୋକଙ୍କ ନାମ ନ ଲେଖି ବଭମୟରଲଶ ବୋଲି ରଖାଯାଇଛି । ଗୋଟାଏ ଠିକଣାରେ ବହୁ ଭୋଟର ରହୁଥିବା ଏବଂ ଗୋଟିଏ କୋଠରୀରେ ୬୦ଜଣ ରହୁଥିବା ଦର୍ଶାଇଥିଲା। ଏହିଭଳି ବିଭିନ୍ନ ପ୍ରକାର ଚ଼ଂଚ଼କତା କରି ବିଜେପି ଭୋଟ ଚୋରି କରିଛି ବୋଲି ଅଭିଯୋଗ କରିଛନ୍ତି। ତଥ୍ୟ ଲୁଚ଼ାଇଛନ୍ତି ଇଲେକ୍ସନ କମିଶନ । ରାହୁଲ ଗାନ୍ଧିଙ୍କ କହିବା ଅନୁସାରେ ରାଜ ନେତାମାନଙ୍କ ଭଳି ଇଲେକ୍ସନ କମିଶନ୍ କହୁଛନ୍ତି। କଂଗ୍ରେସ୍ କହିଛି ରାଜ ନେତାଙ୍କ ଭଳି ମନ୍ତବ୍ୟ ଦିଅନାହିଁ, ଆମ ତଥ୍ୟ ଭୁଲ ବୋଲି ପ୍ରମାଣିତ କର ଇଲେକ୍ସନ କମିଶନ୍। ଦିବା ଲୋକରେ ଗଣତନ୍ତ୍ରର ଅପହରଣ ହେଉଛି। ଓଡ଼ିଶାରେ ମୋଟ ୪୨ଲକ୍ଷ ଭୋଟ ଚୋରି ହୋଇଛି ଅର୍ଥାତ୍ ୨୧ଗୋଟି ନିର୍ବାଚ଼ନ ମଣ୍ଡଳୀରେ ୨ଲକ୍ଷ ଲେଖାଏଁ ଭୋଟ ଚ଼ଞ୍ଚକତା।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray